Largest Circulated Odia Daily
SAMBAD
ସମ୍ବାଦ
ସର୍ବାଧିକ ପ୍ରସାରିତ ଓଡ଼ିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT www.kiit.org



ଭାରତ -ଫ୍ରାନ୍ସ ଆଣବିକ ବୁଝାମଣା ଘୋଷଣାନାମା ସ୍ୱାକ୍ଷରିତ, ପାକିସ୍ତାନ, ଶ୍ରୀଲଙ୍କା ଓ ନେପାଳ ଭାରତରୁ ଆମ

ତାରିଖ : ୨/୨୧/୨୦୦୬


- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ


ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୯.୮ | ୩୮.୪ |
| କଟକ | ୧୮.୮ | ୩୭.୮ |
| ବାଲେଶ୍ୱର | ୨୧.୧ | ୩୬.୨ |
| ଗୋପାଳପୁର | ୨୧.୨ | ୩୩.୬ |
| ଝାରସୁଗୁଡ଼ା | ୧୮.୦ | ୩୭.୭ |

ବିତର୍କ/ମତାମତ ସଂଗ୍ରହ

ଇସ୍କନ୍ ଭକ୍ତଙ୍କୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରବେଶାଧିକାର ଦିଆଯିବା ଉଚିତ କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ବିଜ୍ଞାନ ପ୍ରତିଷ୍ଠାନ ଦାବିର ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ୨୨ରୁ

ଭୁବନେଶ୍ୱର,(ଇମିସ): ଓଡ଼ିଶାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ଦାବିରେ 'ଆଗାମୀ ଓଡ଼ିଶା' ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ଆସନ୍ତା ୨୨ ତାରିଖଠାରୁ ଆରମ୍ଭ ହେଉଛି। ଏଥର ଛାତ୍ରଶକ୍ତି ଓଡ଼ିଶା ପ୍ରତି ହୋଇଥିବା ଅନ୍ୟାୟର ପ୍ରତିବାଦ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ୨୨ ତାରିଖରେ ଛାତ୍ରଛାତ୍ରୀମାନେ ନିଜ ନିଜ ଅନୁଷ୍ଠାନରେ ଶାନ୍ତିପୂର୍ଣ୍ଣ ଭାବେ ଏହି ଅନ୍ୟାୟକୁ ପ୍ରତିବାଦ କରିବେ। ନିଜ ତରଫରୁ ତଥା ଅନୁଷ୍ଠାନରୁ ମାନ୍ୟବର ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଚିଠି ଲେଖି ନିଜର ଅସନ୍ତୋଷ ବ୍ୟକ୍ତ କରିବେ। ଏକ ପ୍ରେସ୍ ବିଜ୍ଞପ୍ତିରେ ଆଗାମୀ ଓଡ଼ିଶା ପକ୍ଷରୁ କୁହାଯାଇଛି ଯେ ସଂସଦରେ ବିଜ୍ଞାନ ପ୍ରତିଷ୍ଠାନ ପ୍ରସଙ୍ଗ ଉଠାଯିବା ବେଳେ 'ଓଡ଼ିଶାବାସୀଙ୍କ ଭାବପ୍ରବଣତାକୁ ସମ୍ମାନ ଦିଆଯିବ' ବୋଲି ଘୋଷଣା କରାଯାଇଥିଲା। ମାତ୍ର କେନ୍ଦ୍ର ସରକାର ଲଗାତାର ଭାବେ ଏହି ପ୍ରସଙ୍ଗକୁ ନେଇ ବିଭ୍ରାନ୍ତିକର ବିବୃତ୍ତି ଦେଇ ଚାଲିଛନ୍ତି। ପୁନଶ୍ଚ ଚଣ୍ଡିଗଡ଼ରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ହେବାର ଘୋଷଣା ଓଡ଼ିଶାବାସୀଙ୍କ ପାଇଁ କଟା ଘା'ରେ ଚୂନ ଦେବା ସଦୃଶ ହୋଇଛି। ଓଡ଼ିଶାବାସୀଙ୍କ ସହ ଏପରି ଖେଳକୁ ଆଉ ବରଦାସ୍ତ କରାଯିବନି ବୋଲି ଚେତାବନୀ ଦିଆଯାଇଛି। ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏଥିରେ ରାଜ୍ୟର ଛାତ୍ରସମାଜ, ବୁଦ୍ଧିଜୀବୀ ତଥା ଦଳମତ ନିର୍ବିଶେଷରେ ସବୁ ରାଜନୈତିକ ନେତୃବୃନ୍ଦ ସହଯୋଗ କରିବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

ପୂର୍ବପୃଷ୍ଠା



ଖଣ୍ଡଗିରି ମେଳାରୁ ବିଭିନ୍ନ ଯାତ୍ରା ପାର୍ଟି ସେମାନଙ୍କ ଅଭିନୟ ସାରି ବାହୁଡ଼ିବାକୁ ଆରମ୍ଭ କଲେଣି। ତେବେ ଏଥର ଯାତ୍ରାରେ ଦେଖିବାକୁ ମିଳିଛି ଅତ୍ୟନ୍ତ ଉଚ୍ଚକୋଟୀର କଳାକାରମାନଙ୍କୁ।

ଅନ୍ୟାନ୍ୟ ଖବର


- ଶିଳ୍ପାନୁଷ୍ଠାନଗୁଡ଼ିକରେ ଆଇଟିଆଇ ଛାତ୍ରଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବ: ମନ୍ତ୍ରୀ
- ଶିଳ୍ପାନୁଷ୍ଠାନଗୁଡ଼ିକରେ ଆଇଟିଆଇ ଛାତ୍ରଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବ: ମନ୍ତ୍ରୀ
- କନିଆଁ ଫେରାର୍: ବରର ଥାନାରେ ଧାରଣା
- ଦଶପଲ୍ଲା: ଅଗ୍ନିକାଣ୍ଡରେ ୧୬ ବଖରା ଧ୍ୱଂସ
- ୧୨୫ ଜଣଙ୍କୁ ନୂତନ ଭାବେ ଭତ୍ତା ପ୍ରଦାନ
- ଜାମୁସାହିରେ ଔଷଧ ବୁଡ଼ା ମଶାରି ବଣ୍ଟନ ହେଲା
- କେନ୍ଦ୍ରାପଡ଼ା ଡାକ୍ତରଖାନାରେ ପୁଣି ଅକ୍ସିଜେନ୍ ସିଲିଣ୍ଡର ଫାଟିଲା
- ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ଚୋରି
- ଚାଲାଣ ବେଳେ ୯୦ ଟନ୍ ଧାନ ଜବତ
- ଯୌନ ପିପାସୁ ଶ୍ୱଶୁର ବୋହୂର ପ୍ରାଣ ନେଲା
- ଗଁଦିଆ ବାଦ୍ ନିଷ୍ପତ୍ତି ଦୁର୍ଭାଗ୍ୟଜନକ
- ସିପିଏମର ବିଧାନସଭା ଅବରୋଧ ଆଜି

ଠାରୁ

- ପାଠ ଛାଡୁଥିବା ଯୁବ ଗୋଷ୍ଠୀଙ୍କୁ ବୈଷୟିକ ତାଲିମ
- ପରିବହନ ବନ୍ଦ ଆନ୍ଦୋଳନ ତୀବ୍ର ହେବ: ଏଆଇଟିୟୁସି
- ରେଢାଖୋଲ ଗୁଳିକାଣ୍ଡ ସରକାରଙ୍କ ବର୍ବରତାର ଆଉ ଏକ ପ୍ରମାଣ
- ଯୌତୁକ ନିର୍ଯାତନା: ସ୍ୱାମୀ, ଶାଶୂ ଗିରଫ, ଦେଢ଼ଶୁର, ଦିଅର ଓ ନଣନ୍ଦ ଫେରାର୍
- ଅନାହାରରେ ଗୀତାରାଣୀ
- ଅନାହାରରେ ଗୀତାରାଣୀ

Copyright © 2001 orissasambad.com

Site Developed by : www.wayindia.com